## ସଂକ୍ଷେପରେ

### ହାତୀ ଉପଦ୍ରବ, ଚାଷୀ ଚିନ୍ତିତ

ବଇଣ୍ଡା,୨୨।୧୨(ଡି.ଏନ.ଏ.)- କିଶୋରନଗର ବ୍ଲକ ହଣ୍ଡପା ରେଞ୍ଜ ଅଧୀନ ମାଧପୁର, କଣ୍ଟେଇକୁଳିଆ, ଅଁଳାବେରେଣୀ, ନାଗାଝରଣ, ଅଶ୍ବବାହାଳ ଅଞ୍ଚଳରେ କିଛିଦିନ ହେଲା ହାତୀ ଉପଦ୍ରବ ଲାଗି ରହିଛି। ହାତୀପଲ ରାତିରେ ନିକଟସ୍ଥ ଜଙ୍ଗଲରୁ ଗ୍ରାମାଭିମୁଖୀ ହୋଇ ବ୍ୟାପକ ଫସଲ ନଷ୍ଟ କରୁଛନ୍ତି। ଏଥିରେ ବିଶେଷ ଭାବେ ପ୍ରଭାବିତ ହୋଇଛନ୍ତି ପରିବା ଚାଷୀ। ହାତୀପଲ ପରିବା ଚାଷ ଜମିରେ ପଶି ଫସଲ ଦଳି ଚକଟି ନଷ୍ଟ କରିଦେଉଛନ୍ତି। ଧାନ ଖଳାରେ ଧାନ ଖାଇ ଯାଉଛନ୍ତି। ହାତୀ ଉପଦ୍ରବକୁ ନେଇ ଚାଷୀମାନେ ଚିନ୍ତିତ ହୋଇପଡ଼ିଥିବାବେଳେ ନିଆଁ ହୁଳା ଜାଳି ରାତି ଉଜାଗର ରହି ହାତୀ ଘଉଡ଼ାଉଛନ୍ତି। ତୁରନ୍ତ କ୍ଷତିଗ୍ରସ୍ତ ଚାଷୀଙ୍କୁ ଚିହ୍ନଟ କରି କ୍ଷତିପୂରଣ ଯୋଗାଇ ଦେବା ପାଇଁ ସାଧାରଣରେ ଦାବି ହୋଇଛି।

### ଯାନବାହନ ଯାଞ୍ଚ

ବଇଣ୍ଡା, ୨୨।୧୨(ଡି.ଏନ.ଏ.)- ହଣ୍ଡପା ଥାନା ଡେବେରାପାଲି ନିକଟ ୫୫ନଂ. ଜାତୀୟ ରାଜପଥରେ ରବିବାର ପୋଲିସ ପକ୍ଷରୁ ଗାଡ଼ିମୋଟର ଯାଞ୍ଚ କରାଯାଇଛି। ଉଭୟପାର୍ଶ୍ୱରୁ ଆସୁଥିବା ବାଇକ୍‌ଗୁଡ଼ିକୁ ଅଟକାଇ ହେଲ୍‌ମେଟ ଏବଂ କାଗଜପତ୍ର ଯାଞ୍ଚ କରାଯାଇଥିଲା। ଏଥିରେ ୫ଟି ମାମଲା ରୁଜୁ କରାଯାଇ ୨୫୦୦ ଟଙ୍କା ଜରିମାନା ଆଦାୟ କରାଯାଇଛି। ଏଏସଆଇ ଆର୍. ବିଶ୍ୱାଳଙ୍କ ନେତୃତ୍ୱରେ ଏହି ଯାଞ୍ଚ କରାଯାଇଥିଲା।

### ପରିଚାଳନା କମିଟି ତାଲିମ ଶିବିର

ଛେଣ୍ଡିପଦା,୨୨।୧୨(ସ୍ୱ.ପ୍ର.)- ଛେଣ୍ଡିପଦା ବ୍ଲକ ସାଲୁଇଖମଣ ସରକାରୀ ବିଦ୍ୟାଳୟରେ କ୍ଲଷ୍ଟରସ୍ତରୀୟ ପରିଚାଳନା କମିଟି ତାଲିମ ଶିବିର ଅନୁଷ୍ଠିତ ହୋଇଛି। ସିଆରସିସି ବ୍ରଜବନ୍ଧୁ ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମକୁ ଗୋଷ୍ଠୀ ସାଧନ କେନ୍ଦ୍ର ଅଧିକାରୀ ଈଶ୍ୱର ଚନ୍ଦ୍ର ସାହୁ ଉଦ୍‌ଘାଟନ କରିଥିଲେ। ଶିବିରରେ ବିଦ୍ୟାଳୟର ସୁରକ୍ଷା, ସ୍ୱଚ୍ଛ ପରିବେଶ, ମୋ ସ୍କୁଲ ଅଭିଯାନ, ସରକାରୀ ଅର୍ଥର ସୁବିନିଯୋଗ ଆଦି ଉପରେ ତାଲିମ ଦିଆଯାଇଥିଲା। ୧୬୫ଜଣ ପ୍ରଧାନ ଶିକ୍ଷକ ଓ ପରିଚାଳନା କମିଟିର ସଦସ୍ୟ ଯୋଗ ଦେଇଥିଲେ। ବ୍ଲକର ଅନ୍ୟ ସମସ୍ତ କ୍ଲଷ୍ଟରରେ ପରିଚାଳନା କମିଟିର ତାଲିମ ଶିବିର ଅନୁଷ୍ଠିତ ହେବ ବୋଲି ସିଆରସିସି ସୂଚନା ଦେଇଛନ୍ତି।

### ଜିଲା ସଭାପତିଙ୍କୁ ସ୍ୱାଗତ

ମାଧପୁର, ୨୨।୧୨- ଅନୁଗୋଳ ଜିଲା ଭାଜପା ସଭାପତି ଭାବେ ଦିଲେଶ୍ୱର ପ୍ରଧାନଙ୍କ ନାମ ଘୋଷଣା କରାଯାଇଛି। ଏହାକୁ ମାଧପୁର ମଣ୍ଡଳ ଭାଜପା ତରଫରୁ ସ୍ୱାଗତ କରାଯାଇଛି। ମଣ୍ଡଳ ସଭାପତି ଅମ୍ବିକା ଦେହୁରୀ, ଜିଲା ଯୁବମୋର୍ଚ୍ଚା ସମ୍ପାଦକ ମନୋଜ ପ୍ରଧାନ, ସାଧାରଣ ସମ୍ପାଦକ ରମେଶ ପ୍ରଧାନ, ସମ୍ପାଦକ ସୌମ୍ୟରଞ୍ଜନ ମହାନ୍ତି, କୋଷାଧ୍ୟକ୍ଷ ଇଂ. ପ୍ରକାଶ ସାହୁ, ପରଞ୍ଜୁ ଡାଙ୍ଗ, ପ୍ରମୋଦ ଦେହୁରୀ, କମଳ ବିଶ୍ୱାଳ, ପ୍ରମୋଦ ପ୍ରଧାନ, ଧନଞ୍ଜୟ ମହାକୁଡ଼ ପ୍ରମୁଖ ନୂତନ ସଭାପତିଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

■ ଆନ୍ଦୋଳନ ପାଇଁ ସଜବାଜ ଚକବନ୍ଦୀ ଚାଷୀ

# ଏକାଠି ହେଲେ ୯୨ ଗ୍ରାମ ମୁରବି

ବନ୍ତଲା, ୨୨।୧୨(ଡି.ଏନ.ଏ.)



ଆଇନଗତ ବିଧିବ୍ୟବସ୍ଥାର ଅଡୁଆ ଜାଲରେ ଅଣନିଃଶ୍ୱାସୀ ହୋଇପଡ଼ିଥିବା ଅନୁଗୋଳ ଜିଲାର ଚକବନ୍ଦୀ ଚାଷୀ ଆନ୍ଦୋଳନ ପାଇଁ ସଜବାଜ ହେଉଛନ୍ତି। ନ୍ୟାଯ୍ୟ ଦାବି ହାସଲ ପାଇଁ ଶନିବାର ଅପରାହ୍ନରେ ଅନୁଗୋଳ ମଦନମୋହନ ମନ୍ଦିରରେ ସମସ୍ୟା ଭୋଗୁଥିବା ଚାଷୀଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଅନୁଗୋଳ, ବଅଁରପାଳ, ଛେଣ୍ଡିପଦା ବ୍ଲକ ଅଧୀନ ୯୨ ଗ୍ରାମର ମୁରବି ଚାଷୀ ଯୋଗଦେଇ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ଏଥିରେ ବାଲୁଅକଟାର ଭାସ୍କର ସାହୁ ସଭାପତିତ୍ୱ କରିଥିଲେ। ଚକବନ୍ଦୀ ବନ୍ଦୋବସ୍ତ ପାଇଁ ଚାଷୀମାନେ ନାହିଁ ନ ଥିବା ହଇରାଣ ହେଉଛନ୍ତି। ଲୋକଙ୍କ ପାଖରେ ପଟ୍ଟା ଅଛି, କିନ୍ତୁ ଜମି ଚିହ୍ନଟ ହୋଇନାହିଁ। ଏହାକୁ ନେଇ ଉପସ୍ଥିତ ଚାଷୀମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏଥିସହ ନିକଟ ଭବିଷ୍ୟତରେ ଆନ୍ଦୋଳନ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଏଥି ଲାଗି ଏକ କମିଟି ଗଠନ କରାଯାଇଛି। ଏଥିରେ ସ୍ଥାୟୀ ସଭାପତି ଭାବେ ଭାସ୍କର ଦେହୁରୀଙ୍କୁ ନିର୍ବାଚିତ କରାଯାଇଥିଲା। ସେହିପରି ଉପସଭାପତି ଭାବେ ମାଣପୁର ଗ୍ରାମର ଦୁର୍ଯ୍ୟୋଧନ କର, କେନ୍ଦୁପଲିର ରୁଦ୍ରମୋହନ ମିଶ୍ର, ସାଧାରଣ ସମ୍ପାଦକ ଅନୁଗୋଳର ନିର୍ମଳ କୁମାର ଅଗ୍ରୱାଲ, ସମ୍ପାଦକ ନନ୍ଦପୁର ଗ୍ରାମର ସର୍ବେଶ୍ୱର ସାହୁ, ବାଲୁଆକଟାର ପୀତବାସ ପଟ୍ଟନାଏକ, ମଧୁପୁରର ଯତୀନ୍ଦ୍ର ଦେହୁରୀ, ମଝିକାର ରବିଚନ୍ଦ୍ର ସାହୁ, କୋଷାଧ୍ୟକ୍ଷ ଭାବେ ଶଙ୍ଖପୁର ଗ୍ରାମର ମନୋଜ ପ୍ରଧାନଙ୍କୁ ମନୋନୀତ କରାଯାଇଛି। ଏଥିସହିତ ୯୨ ଚାଷୀଙ୍କୁ ସଦସ୍ୟ ରଖାଯାଇଛି।

ଏ ନେଇ ସୁସୁଡ଼ାର ମହେଶ୍ୱର ମହାପାତ୍ର, କନିଆବେଡାର ସଦାନନ୍ଦ ସାହୁ କହିଛନ୍ତି, ଚକବନ୍ଦୀ ଉଠାଇ ୧୯୫୨/୬୨ ବନ୍ଦୋବସ୍ତ କାଏମ ରଖିବା ପାଇଁ ୨୦୧୩ରେ ଆନ୍ଦୋଳନ ପାଇଁ ସଜବାଜ ହୋଇଥିଲୁ। ୨୦୧୩ରେ ଚକବନ୍ଦୀ ଉଠାଇବା ପାଇଁ ରାଜସ୍ୱ ଅଧିକାରୀଙ୍କ ନିକଟରେ ଲିଖିତ ଅଭିଯୋଗ କରାଯାଇଥିଲା। ଏବେ ସୁଦ୍ଧା ସମସ୍ୟା ସମାଧାନ ହୋଇନାହିଁ।

ଜମି ନ ଦେଖି ଅଫିସରମାନେ କାଗଜକଲମରେ ଚକ କରି ଚାଷୀଙ୍କ ଭାତହାଣ୍ଡି ଛଡାଇ ନେଇଛନ୍ତି। ସରକାରଙ୍କ ଭୁଲ ନିଷ୍ପତ୍ତି ପାଇଁ ପିଢ଼ି ପରେ ପିଢ଼ି ଦଣ୍ଡ ପାଉଛନ୍ତି। ବର୍ତ୍ତମାନ ସରକାର ଚାହିଁଲେ ଜାଗା ଉପରକୁ ଯାଇ ଚକ ଦେଇପାରିବେ ନାହିଁ। ସରକାର ଶାବକ ଅନୁଯାୟୀ ଜାଗା ଦିଅନ୍ତୁ ବୋଲି ଚାଷୀମାନେ ଦାବି କରିଛନ୍ତି। ଏ ବିଷୟରେ ଅନୁଗୋଳ, ଆଠମଲ୍ଲିକ, ତାଳଚେର, ପାଲଲହଡା, ଛେଣ୍ଡିପଦା ବିଧାୟକ ଓ ଢେଙ୍କାନାଳ, ସମ୍ବଲପୁର ଏମ୍‌ପି, ସମ୍ବଲପୁର ଆରଡିସିଙ୍କୁ ଭେଟିବାକୁ ନିଷ୍ପତ୍ତି ହୋଇଛି। ୯୨ ଗ୍ରାମର ଚାଷୀ ଏକ ଦସ୍ତଖତ ସମ୍ବଳିତ ଦାବିପତ୍ର ଜାନୁଆରୀ ୨୩ରେ ସାଧାରଣ ବୈଠକରେ ପ୍ରଦାନ କରିବେ। ପରେ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଘେରାଉ କରାଯିବ ବୋଲି ମତପ୍ରକାଶ ପାଇଥିଲା। ତ୍ରିନାଥ ସାହୁ, ସହଦେବ ବେହେରା, ବୀରେନ୍ଦ୍ର ଚୌଧରୀ, ପ୍ରମୋଦ ପରିଡା, ଦେବରାଜ ସାହୁ, ପ୍ରଶାନ୍ତ କୁମାର ନାଏକ, ରମାକାନ୍ତ ପଟ୍ଟନାୟକ, ଶୋର ଚନ୍ଦ୍ର ସାହୁ, ଅନନ୍ତ ଚନ୍ଦ୍ର ସାହୁ, ରଘୁନାଥ ପ୍ରଧାନ, ଦୁର୍ଯ୍ୟୋଧନ ବେହେରାଙ୍କ ସମେତ ୧୫୦ ରୁ ଊର୍ଦ୍ଧ୍ୱ ଚାଷୀ ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ, ଚକବନ୍ଦୀ ସମସ୍ୟା ସମ୍ପର୍କରେ ଡିସେମ୍ବର ୧୨ରେ ଧରିତ୍ରୀରେ ଖବର ପ୍ରକାଶ ପାଇଥିଲା। ସମସ୍ୟା ଉପସ୍ଥାପନ କରି ଚାଷୀଙ୍କୁ ଏକାଠି କରିଥିବାରୁ ଚାଷୀମାନେ ଧରିତ୍ରୀକୁ ଧନ୍ୟବାଦ ଦେଇଛନ୍ତି।

4th Birthday Wish



ପ୍ରଜ୍ଞା ପ୍ରିୟଦର୍ଶିନୀ ମହାପାତ୍ର (ଭୂମି)
ଖୋର୍ଦ୍ଧା
ଆଜି ତୋର ଚତୁର୍ଥ ଜନ୍ମଦିନରେ ପ୍ରଭୁ ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ପାଖରେ ଏତିକି କାମନା, ପ୍ରଭୁ ତୋତେ ଦୀର୍ଘାୟୁ କରନ୍ତୁ, ନୀରୋଗ ରଖନ୍ତୁ ଏବଂ ତୋର ଚଲାପଥରେ ପୁଷ୍ପ ବୃଷ୍ଟି କରନ୍ତୁ।
ଶୁଭେଚ୍ଛା ସହ
Loving Father, Sweet Mama & all relatives.
ଧ-୧୫୬୮୦

### ମଦ ଜବତ, ୨ ଗିରଫ

କଣିହାଁ, ୨୨।୧୨(ଡି.ଏନ.ଏ.)

ବେଆଇନ ମଦବିକ୍ରି ଅଭିଯୋଗରେ କଣିହାଁ ବ୍ଲକ ରେଙ୍ଗାଳି ଡ୍ୟାମ୍ ସାଇଟ ଥାନା ପୋଲିସ ୨ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ କୁଲାବିର ଗ୍ରାମର କାଳିଆ ବେହେରା ଏବଂ ରେଙ୍ଗାଳି ଗ୍ରାମର ପ୍ରମୋଦ ବେହେରା। ଶନିବାର ରାତିରେ ପୋଲିସ ପାଟ୍ରୋଲିଂ ଚାଲିଥିବାବେଳେ କାଳିଆ ମଦସହ ଧରାପଡ଼ିଥିଲେ। ତାଙ୍କଠାରୁ ୫ ଲିଟର ମଦ ଜବତ କରାଯାଇଛି। ସେହିପରି ପ୍ରମୋଦଙ୍କଠାରୁ ୧୦ ଲିଟର ମଦ ଜବତ କରାଯାଇଛି। ଏ ନେଇ ନଂ. ୧୬୦/୧୯ ଏବଂ ୧୬୧/୧୯ରେ ମାମଲା ରୁଜୁ କରାଯାଇଥିବା ଆଇଆଇସି ସରୋଜକାନ୍ତ ସାମଲ କହିଛନ୍ତି।

## ଲିଟିଲ ହାର୍ଟ୍ସ ବାର୍ଷିକ ଉତ୍ସବ ଉଦ୍‌ଯାପିତ

ଅନୁଗୋଳ ଅଫିସ,୨୨।୧୨




ଅନୁଗୋଳ କୁଇଓସ୍ଥିତ ଲିଟିଲ ହାର୍ଟ୍ସ ଟଡଲରସ୍ ଏକାଡ଼େମୀରେ ଚାଲିଥିବା ବାର୍ଷିକ ଉତ୍ସବ ରବିବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶରତ ଚନ୍ଦ୍ର ସେଠୀ ଯୋଗଦେଇ କହିଲେ, ଶିକ୍ଷୟିତ୍ରୀଶିକ୍ଷକଙ୍କ ଉପଯୁକ୍ତ ମାର୍ଗଦର୍ଶନ ଶିଶୁଙ୍କ ଉନ୍ନତିରେ ସହାୟକ ହେବ। ସମ୍ମାନିତ ଅତିଥି ଭାବେ ଅଶୋକ ପ୍ରଧାନ ଉପସ୍ଥିତ ଥିଲେ। ସ୍କୁଲ ଅଧକ୍ଷା ଜ୍ୟୋତି ଗୋହିଲ, ଉପାଧକ୍ଷା ଅନ୍ନପୂର୍ଣ୍ଣା ଶର୍ମା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଉତ୍ସବର ଦ୍ୱିତୀୟ ଦିବସରେ ଶିକ୍ଷାବିତ୍ ଡ. ଶାନ୍ତନୁ କୁମାର ସର, ମଧୁମିତା ପ୍ରଧାନ, ଚତୁର୍ଥ ଦିବସରେ ବ୍ଲକ ଶିକ୍ଷା ଅଧିକାରୀ ଲୋପାମୁଦ୍ରା ପଟ୍ଟନାୟକ ଓ କମଲେଶ ବର୍ମା ଅତିଥି ଭାବେ ଯୋଗ ଦେଇଥିଲେ। ରୂପାଲି ସିହ୍ନା, ରଶ୍ମିତା ନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## ରାଜ୍ୟସ୍ତରୀୟ ମେଧାବୃତ୍ତି ପରୀକ୍ଷାରେ ଅନୁଗୋଳ ଝିଅ ପ୍ରଥମ

ଛେଣ୍ଡିପଦା,୨୨।୧୨(ସ୍ୱ.ପ୍ର.)

୨୦୧୯ ଫେବ୍ରୁଆରୀରେ ଆୟୋଜିତ ରାଜ୍ୟସ୍ତରୀୟ ମେଧାବୃତ୍ତି ପରୀକ୍ଷାରେ ଅନୁଗୋଳ ବଡକେରଜାଙ୍ଗ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ନବମ ଶ୍ରେଣୀ ଛାତ୍ରୀ ଶୋଭନାରାଣୀ ପ୍ରଧାନ ପ୍ରଥମ ସ୍ଥାନ ଅଧିକାରୀ କରିଛନ୍ତି। ଏ ନେଇ ଶିଶୁ ବିକାଶ ଓ ସମାଜ ଉନ୍ନୟନ କେନ୍ଦ୍ର (ସିସିଡବ୍ଲୁଏସିଡି) ପକ୍ଷରୁ ଶନିବାର ଭୁବନେଶ୍ୱର ଜୟଦେବ ଭବନରେ ଆୟୋଜିତ ୨୨ତମ ରାଜ୍ୟସ୍ତରୀୟ ଶିଶୁ ପ୍ରତିଭା ମହୋତ୍ସବରେ ଶୋଭନାରାଣୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ତାଙ୍କର ଏହି ସଫଳତାକୁ ନେଇ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ମଧ୍ୟରେ ଖୁସିର ଲହରି ଖେଳିଯାଇଛି।



ଶୋଭନାରାଣୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

■ ପୌରପାଳିକା ଜାଗାରୁ ମାଟି ଚୋରା ଚାଲାଣ ଘଟଣା

## ତଦନ୍ତ କଲେ ଉପଜିଲାପାଳ

ଅନୁଗୋଳ ଅଫିସ, ୨୨।୧୨

ଅନୁଗୋଳ ପୌରପାଳିକା ଡମ୍ପିଂୟାର୍ଡ଼ ପାଇଁ ଯୋଗାଇ ଦିଆଯାଇଥିବା ୫ ଏକର ଜମିରୁ ରାତିରେ ମାଟି ଚୋରାଚାଲାଣ ସମ୍ପର୍କିତ ଖବର 'ଧରିତ୍ରୀ'ରେ ପ୍ରକାଶ ପାଇବା ପରେ ଜିଲା ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଜିଲାପାଳ ମନୋଜ କୁମାର ମହାନ୍ତି ଘଟଣାର ତଦନ୍ତ ନିର୍ଦ୍ଦେଶ ଦେବା ପରେ ଶୁକ୍ରବାର ବଅଁରପାଳ ତହସିଲଦାର ଜିତେନ୍ଦ୍ର କୁମାର ସାହୁ, କୁରୁଡୁଲ ରାଜସ୍ୱ ଅଧିକାରୀ ଘଟଣାସ୍ଥଳରେ ତଦନ୍ତ କରିଥିଲେ। ଶନିବାର ଉପଜିଲାପାଳ ବାସୁଦେବ ଶତପଥୀ ମଧ୍ୟ ଘଟଣାସ୍ଥଳ ପରିଦର୍ଶନ କରି ଛାନଭିନ୍ କରିଛନ୍ତି।

କୁଶାସିଂହାରେ ଡମ୍ପିଂୟାର୍ଡ ନିର୍ମାଣ କରିବାକୁ ବଅଁରପାଳ ତହସିଲ ପକ୍ଷରୁ ୪ ବର୍ଷ ତଳେ ୫ ଏକର ଜାଗା ଅନୁଗୋଳ ପୌରପାଳିକାକୁ ଯୋଗାଇ ଦିଆଯାଇଥିଲା। ହେଲେ ସ୍ଥାନୀୟ ଲୋକଙ୍କ ବିରୋଧ ପରେ କାମ ବନ୍ଦ ରହିଛି। ଏହାର ସୁଯୋଗରେ ଉକ୍ତ ଜମିରୁ ଚୋରା ମାଟି ଚାଲାଣ କରାଯାଉଛି। ଏ ନେଇ ପ୍ରଶାସନ ନିକଟରେ କୌଣସି ସୂଚନା ନ ଥିଲା। ଏ ସମ୍ପର୍କିତ ଖବର 'ଧରିତ୍ରୀ'ରେ ପ୍ରକାଶ ପାଇବା ପରେ ପ୍ରଶାସନ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି। ଏ ନେଇ ଉପଜିଲାପାଳଙ୍କ ସହ ଯୋଗାଯୋଗ ସମ୍ଭବ ହୋଇପାରି ନ ଥିବାରୁ ତାଙ୍କ ମତାମତ ମିଳିପାରିନାହିଁ। ତହସିଲଦାର କୁହନ୍ତି, ତଦନ୍ତ ପରେ ଅଭିଯୁକ୍ତଙ୍କ ସମ୍ପର୍କରେ ସୁରାକ ମିଳିଛି। ଏହାର ମୁଖ୍ୟ କାର୍ଯ୍ୟେଦାର କିଏ ଏବଂ କୁଶାସିଂହାରୁ କାହିଁକି ଚୋରି କରି ଚାଲାଣ କରାଯାଉଥିବା ତାହାର ତଦନ୍ତ ଚାଲିଥିବା ସେ କହିଛନ୍ତି।

■ ବାଗଡିଆ କପ୍ ଉଦ୍‌ଘାଟିତ

## ବିଜୁ ୱାରିୟର୍ସ, ଆର୍‌ଏସ୍‌ସିସି ବିଜୟୀ



ଉଦ୍‌ଘାଟନୀ ଉତ୍ସବରେ ଉପସ୍ଥିତ ଅତିଥିବୃନ୍ଦ।

ଛେଣ୍ଡିପଦା, ୨୨।୧୨(ସ୍ୱ.ପ୍ର)

ଛେଣ୍ଡିପଦା ବ୍ଲକ ବାଗଡିଆ ହାଇସ୍କୁଲ ଖେଳପଡ଼ିଆରେ ରବିବାର ଉଦ୍‌ଘାଟିତ ହୋଇଛି ବାଗଡିଆ କ୍ରିକେଟ କପ୍। ପ୍ରଥମ ମ୍ୟାଚ୍ ବୌଦ୍ଧ ଫ୍ରେଣ୍ଡ୍‌ସ କ୍ଲବକୁ ୭ ଉଇକେଟରେ ହରାଇ ପାଲଲହଡ଼ା ବିଜୁ ୱାରିୟର୍ସ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ଅପରାହ୍ନରେ ଖେଳାଯାଇଥିବା ଅନ୍ୟ ଏକ ମ୍ୟାଚ୍‌ରେ ଏମଆରଏଫ କୋଶଳାକୁ ୫ ଉଇକେଟରେ ହରାଇ ଆର୍‌ଏସସିସି ନକ୍ସାପାଲି ସମ୍ବଲପୁର କ୍ୱାଟର ଫାଇନାଲକୁ ଉର୍ତ୍ତୀର୍ଣ୍ଣ ହୋଇଛି। ସୋମବାର ବାଗଡିଆର ବିସିଏ-ଅର୍ଜୁନ ରକେଟ ତାଳଚେର ଏବଂ ଦେବଗଡ ୟଙ୍ଗ ଇଲେଭନ-ସରଗିପାଲିର ଟାଇଗର ଇଲେଭନ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ। ଟୁର୍ନାମେଣ୍ଟରେ ୧୬ ଦଳ ଅଂଶଗ୍ରହଣ କରିଛନ୍ତି।

ବାଗଡିଆ କ୍ରିକେଟ ଆସୋସିଏଶନ ସଭାପତି ଗଗନ ବିହାରୀ ପ୍ରଧାନଙ୍କ ନେତୃତ୍ୱରେ ମୁଖ୍ୟଅତିଥି ଭାବେ ଅନୁଗୋଳ ବିଇଓ ଲୋପାମୁଦ୍ରା ପଟ୍ଟନାୟକ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ସାମାଜିକ କର୍ମୀ ବିନୋଦ କୁମାର ସରଳିଆ, ଅତିଥି ଭାବେ ପୂର୍ବତନ ପ୍ରଧାନ ଶିକ୍ଷକ ଗୋଲକ ବିହାରୀ ପ୍ରଧାନ, ଅବସରପ୍ରାପ୍ତ ଶିକ୍ଷକ ଧନେଶ୍ୱର ପ୍ରଧାନ, ସରପଞ୍ଚ ବିଜୟ ଗଡନାୟକ ପ୍ରମୁଖ ଯୋଗ ଦେଇଥିଲେ। ବେଣୁଧର ସାହୁ, ପ୍ରସନ୍ନ କୁମାର ସାହୁ ପରିଚାଳନା କରିଥିଲେ।

## ମନେ ପଡ଼ନ୍ତି

ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତା ସାରଦା ମହାକୁଡ଼
ସ୍ଥାନ: ପଥରଗାଡ଼ିଆ, ଭୁବନେଶ୍ୱର
ତୋର ସ୍ନେହ, ଶ୍ରଦ୍ଧା, ନିଷ୍ଠା, କର୍ତ୍ତବ୍ୟ ପରାୟଣତା, ତ୍ୟାଗ, ପରୋପକାର ଓ ଅନୁଷ୍ଠାନ ଆମପାଇଁ ପ୍ରେରଣାର ଉତ୍ସ ହେଉ। ଚାହୁଁ ଚାହୁଁ ଏକବର୍ଷ ହୋଇଗଲା। ଏ ତେଲ, ଲୁଣ ସଂସାରରୁ ଚାଲି ଯିବାର କିନ୍ତୁ ଆଜି ବି ସେହି ସ୍ନେହ, ଶ୍ରଦ୍ଧା, ନିଷ୍ଠା, କର୍ତ୍ତବ୍ୟନିଷ୍ଠା ଆମକୁ ଅନୁପ୍ରାଣିତ କରୁ। ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ବିନମ୍ର ପ୍ରାର୍ଥନା।
ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ସହ:
ପରିବାରବର୍ଗ ଓ ଆତ୍ମୀୟସ୍ୱଜନ।
ଧ-୧୫୬୬୪

ଏକାଦଶାହ ଉପଲକ୍ଷେ



ସ୍ୱର୍ଗତା ହାରାମଣୀ ସାହୁ
ରାଣୀପଡ଼ା, ଗୋବିନ୍ଦପୁର, କଟକ
ତିରୋଧାନ: ୧୩।୧୨।୨୦୧୯
ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପଦାରବିନ୍ଦରେ ବିନମ୍ର ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ:
ପୁତ୍ର-ସନାତନ ସାହୁ, ଅକ୍ଷୟ କୁମାର ସାହୁ, ଅନିରୁଦ୍ଧ ସାହୁ, ରମେଶ ଚନ୍ଦ୍ର ସାହୁ, କନ୍ୟା- ଅନ୍ନପୂର୍ଣ୍ଣା ସାହୁ, ଜ୍ୱାଇଁ- ଅଜୟ କୁମାର ସାହୁ, ନାତି, ନାତୁଣୀ ଓ ପରିବାରବର୍ଗ।
ଧ-୧୫୮୬୪

ଦ୍ୱାଦଶାହ ଉପଲକ୍ଷେ



ସ୍ୱର୍ଗତ ଲକ୍ଷ୍ମୀଧର ଦାଶ
ଅବସରପ୍ରାପ୍ତ କୃଷି ଅଧିକାରୀ
ଗୋଳବାଇ, ଖୋର୍ଦ୍ଧା
ଆବିର୍ଭାବ: ୧୧।୦୩।୧୯୪୩
ତିରୋଧାନ: ୧୨।୧୨।୨୦୧୯
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଅଛୁ।
ଶୋକସନ୍ତପ୍ତ ପରିବାରବର୍ଗ:
ଝିଅ-ଜ୍ୱାଇଁ: ଲିଲି ଓ ଦିଲୁ, ବଡ଼ପୁଅ-ବୋହୂ: ସଂଜୀବ ଓ ସଂଗୀତା, ସାନପୁଅ-ବୋହୂ: ମାଧବ-ରାନୀ, ନାତିମାନେ ଓ ନାତୁଣୀ: ହିଲୁ, ସିଲୁ, ସୂର୍ଯ୍ୟ, ସପନି ଓ ବନ୍ଧୁବର୍ଗ।
ଧ-୬୮୭୩୭

# ନୂଆସାହିରେ ଦନ୍ତା ଆତଙ୍କ

■ ଘର ଭାଙ୍ଗିଲା, ଧାନ ଖାଇଲା
■ ବାଛୁରିକୁ ଦଳିମାରିଲା
■ ତୀକ୍ଷ୍ଣ ନଜର ରଖିଛି ବନ ବିଭାଗ

ତାଳଚେର, ୨୨।୧୨(ନି.ପ୍ର.)

ତାଳଚେର ବ୍ଲକ ସନ୍ତପଡ଼ା ଗ୍ରାମ ନୂଆସାହି, ବେବର୍ତ୍ତାମୁଣ୍ଡା, ଷଣ୍ଢଗାଁ, ମଣ୍ଡାପାଳ, ବାଘୁଆବୋଲ ଅଞ୍ଚଳରେ ଏକ ଦନ୍ତା ହାତୀ ଉପଦ୍ରବ ସୃଷ୍ଟି କରିଛି। ହାତୀ ଆକ୍ରମଣରେ ତାଳଚେର ଟାଉନରେ ଏକ ବାଛୁରିର ମୃତ୍ୟୁ ଘଟିଛି। କେବଳ ଏତିକି ନୁହେଁ, ହାତୀଟି ନୂଆସାହି ସ୍କୁଲ କାନ୍ଥ ଭାଙ୍ଗିଦେବା ସହ ଅମଳ କରି ରଖାଯାଇଥିବା ଧାନ ଖାଇଯାଇଛି। ହାତୀ ଉତ୍ପାତରେ ଶରତ ସାହୁ, ଟେମୁଟୁ ବିଶ୍ୱାଳ, ସରୋଜ ନାଏକ ପ୍ରମୁଖଙ୍କ ଘର କ୍ଷତିଗ୍ରସ୍ତ ହୋଇଥିବା ଅଭିଯୋଗ ହୋଇଛି।

ପରଜଙ୍ଗ-ତାଳଚେର ସୀମାନ୍ତରେ ହାତୀ ଉପଦ୍ରବ ଚରମସୀମାରେ ପହଞ୍ଚିଛି। ହାତୀ ଉପସ୍ଥିତି ସମ୍ପର୍କରେ ବନ ବିଭାଗ ପକ୍ଷରୁ ପୂର୍ବ ସୂଚନା ଦିଆଯାଉନାହିଁ। କେବଳ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରି ବିଭାଗୀୟ ଅଧିକାରୀ କାମ ସାରିଦେଉଛନ୍ତି। ହାତୀ ଘଉଡ଼ାଇବା ଦିଗରେ ଆବଶ୍ୟକ ପଦକ୍ଷେପ ନିଆଯାଉନାହିଁ। ଏଣୁ କ୍ଷୟକ୍ଷତି ବୃଦ୍ଧି ପାଉଥିବା ଅଞ୍ଚଳବାସୀ କହିଛନ୍ତି। ଏ ସମ୍ପର୍କରେ ତାଳଚେର ପ୍ରଶାସନ, ଜିଲା ପ୍ରଶାସନ, ବନ ବିଭାଗର ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅଭିଯୋଗ କରିବା ସତ୍ତ୍ୱେ କୌଣସି ସୁଫଳ ମିଳୁ ନ ଥିବା ସନ୍ତପଡ଼ା ପଞ୍ଚାୟତ ପୂର୍ବତନ ସମିତିସଭ୍ୟ ସହଦେବ ସାହୁ ଅଭିଯୋଗ କରିଛନ୍ତି। ଏହାକୁ ନେଇ ଅସନ୍ତୋଷ ବଢ଼ିବାରେ ଲାଗିଛି। ଉକ୍ତ ଦନ୍ତା ନିୟମିତ ବ୍ୟବଧାନରେ ତାଳଚେର ଜନବସତିରେ ପଶି ବ୍ୟାପକ କ୍ଷୟକ୍ଷତି କରି ଚାଲିଛି। ପୂର୍ବରୁ ଦନ୍ତା ଆକ୍ରମଣରେ କେତେଜଣଙ୍କ ଜୀବନ ଯାଇଥିବା ନଜିର ରହିଛି। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳବାସୀ ଭୟଭୀତ ହୋଇପଡ଼ିଛନ୍ତି। ଶେଷ ସୂଚନା ସୁଦ୍ଧା ଉକ୍ତ ହାତୀ ବାଘୁଆବୋଲ ଗ୍ରାମର ଶେଷମୁଣ୍ଡରେ ରହିଥିବା ଜଣାପଡ଼ିଛି। ଡିଏଫଓ ରାମାସ୍ୱାମୀ, ଏସିଏଫ ବାସୁଦେବ ନାୟକଙ୍କ ସମେତ ବନ କର୍ମଚାରୀମାନେ ହାତୀ ଉପରେ ତୀକ୍ଷ୍ଣ ନଜର ରଖିଛନ୍ତି।



ଉତ୍ପାତ ସୃଷ୍ଟି କରୁଥିବା ଦନ୍ତାହାତୀ।

## ସଂକ୍ଷେପରେ

### ସୁରକ୍ଷାକର୍ମୀଙ୍କ କ୍ଷତାକ୍ତ ମୃତଦେହ ଉଦ୍ଧାର

**ଢେଙ୍କାନାଳ ଅଫିସ, ୨୨।୧୨:** ଢେଙ୍କାନାଳ ସଦର ଥାନା ଗେଙ୍ଗୁଟିଆ ରଣପଶି ରେଲୱେ ଲେଭଲ୍ କ୍ରସିଂ ନିକଟରୁ ରବିବାର ଅପରାହ୍ନ ୩ଟାରେ ଜଣେ ସୁରକ୍ଷା କର୍ମଚାରୀଙ୍କ କ୍ଷତବିକ୍ଷତ ମୃତଦେହ ଉଦ୍ଧାର କରାଯାଇଛି। ସେ ହେଲେ ଅକ୍ଷୟ ମଲ୍ଲିକ (୪୫)। ରେଳଧାରଣା ପାର ହେଉଥିବାବେଳେ ଟ୍ରେନ୍ ଧକ୍କାରେ ତାଙ୍କର ମୃତ୍ୟୁ ହୋଇଥିବା ତଦନ୍ତରୁ ଜଣାପଡ଼ିଛି ବୋଲି ଥାନାଧିକାରୀ ସନ୍ଧ୍ୟାରାଣୀ ବେଉରିଆ ସୂଚନା ଦେଇଛନ୍ତି। ହେଲେ ଏହା ହତ୍ୟା ବୋଲି ପରିବାର ବୋଲି ସନ୍ଦେହ କରୁଛନ୍ତି। ଏ ନେଇ ନଂ.୫୦/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି। ଅକ୍ଷୟ ଏକ ଠିକାସଂସ୍ଥା ଅଧୀନରେ କାମ କରୁଥିଲେ। ରବିବାର ସକାଳେ ସେ କାମକୁ ବାହାରିଥିଲେ। ହେଲେ କମ୍ପାନୀରେ ପହଞ୍ଚି ନ ଥିବା ଜାଣିବା ପରେ ପରିବାର ଲୋକ ତାଙ୍କୁ ଖୋଜାଖୋଜି କରିଥିଲେ। ଲେଭଲ କ୍ରସିଂ ନିକଟରୁ ତାଙ୍କର ମୃତଦେହ କ୍ଷତବିକ୍ଷତ ଅବସ୍ଥାରେ ପଡ଼ିଥିଲା। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି ପଠାଇଛି।

### ଡ୍ୟୁଟିରେ ନିଶାସେବନ: କନଷ୍ଟେବଳ ନିଲମ୍ବିତ

**ଢେଙ୍କାନାଳ ଅଫିସ, ୨୨।୧୨** ଡ୍ୟୁଟି ସମୟରେ ନିଶାସେବନ କରିଥିବା ଅଭିଯୋଗରେ ନିଲମ୍ବିତ ହୋଇଛନ୍ତି ଓଏସ୍‌ପିଏଫ୍ କନଷ୍ଟେବଳ ଶଙ୍କର ପ୍ରଧାନ। ଶନିବାର ସନ୍ଧ୍ୟାରେ ସେ ଟ୍ରାଫିକ୍ କର୍ମଚାରୀଙ୍କ ସହ ଯାନବାହନ ଯାଞ୍ଚ କାର୍ଯ୍ୟରେ ନିୟୋଜିତ ଥିଲେ। ଏହି ସମୟରେ ଜଣେ ଯୁବକଙ୍କୁ ବାଇକ୍ ସହ ଟ୍ରାଫିକ୍ କର୍ମଚାରୀମାନେ ଅଟକାଇଥିଲେ। ତାଙ୍କୁ କନଷ୍ଟେବଳ ଶଙ୍କରଙ୍କ ସହ ଟାଉନ ଥାନାକୁ ପଠାଉଥିଲେ। ଶଙ୍କରଙ୍କ ବ୍ୟବହାର ଏବଂ ଚାଲିଚଳଣରୁ ସେ ନିଶାସକ୍ତ ଥିବା ଜଣାପଡ଼ିଥିଲା। ଘଟଣାସ୍ଥଳରେ ଉପସ୍ଥିତ କେତେଜଣ ଯୁବକ ଏହାର ଦୃଶ୍ୟକୁ ମୋବାଇଲରେ ରେକର୍ଡିଂ କରିଥିଲେ। ଏଥିରେ ଶଙ୍କର ମଦ୍ୟପାନ କରିଥିବା କଥା ସ୍ୱୀକାର କରିଥିବା ଦେଖିବାକୁ ମିଳିଛି। ଏହି ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ଏ ସମ୍ପର୍କରେ ଜଣାପଡିବା ପରେ ଟାଉନ ଥାନାଧିକାରୀ ଏସ୍‌ପିଙ୍କୁ ରିପୋର୍ଟ ପ୍ରଦାନ କରିଥିଲେ। ଘଟଣାର ଯାଞ୍ଚ କରି ରବିବାର କନଷ୍ଟେବଳ ଶଙ୍କରଙ୍କୁ ନିଲମ୍ବିତ କରାଯାଇଥିବା ଏସ୍‌ପି ଅନୁପମା ଜେମ୍‌ସ ସୂଚନା ଦେଇଛନ୍ତି।

### ନାବାଳିକାଙ୍କୁ ଅସଦାଚରଣ

**କାମାକ୍ଷାନଗର, ୨୨।୧୨(ଡି.ଏନ.ଏ.)** ଢେଙ୍କାନାଳ ଜିଲା କାମାକ୍ଷାନଗର ଥାନା ମଠକରଗୋଳା ଅଞ୍ଚଳର ଜଣେ ମାନସିକ ଅନଗ୍ରସର ନାବାଳିକା (୧୦ବର୍ଷ)ଙ୍କୁ ଅସଦାଚରଣ କରାଯାଇଥିବା ରବିବାର ଅଭିଯୋଗ ହୋଇଛି। ଏତଲାରେ ଦର୍ଶାଯାଇଛି, ଗୁରୁବାର ଅପରାହ୍ନରେ ସମ୍ପୃକ୍ତା ନାବାଳିକା ଜଣକ ବାରଣ୍ଡାରେ ବସିଥିଲେ। ଏହି ସମୟରେ ରାଜୁ ମଲ୍ଲିକ ନାମକ ଜଣେ ଗଦି ବ୍ୟବସାୟୀ ତାଙ୍କୁ ଅସଦାଚରଣ କରିଥିଲେ। ଘଟଣା ସମ୍ପର୍କରେ ପୀଡ଼ିତାଙ୍କ ପରିବାର ଲୋକେ ଗ୍ରାମ ସଭାପତି ଓ ସ୍ଥାନୀୟ ଜନପ୍ରତିନିଧିଙ୍କୁ ଜଣାଇଥିଲେ। ହେଲେ ନ୍ୟାୟ ନ ମିଳିବାରୁ ରବିବାର ଘର ଲୋକେ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ପୀଡ଼ିତାଙ୍କ ମା'ଙ୍କ ଅଭିଯୋଗ ପରେ ପୋଲିସ ନାବାଳିକାଙ୍କ ଡାକ୍ତରୀମାଇନା କରିଛି। ଏ ନେଇ ନଂ. ୨୯୩/୧୯ରେ ମାମଲା ରୁଜୁ କରାଯାଇଛି। ଖବର ଲେଖାଯିବା ସୁଦ୍ଧା ଅଭିଯୁକ୍ତ ଧରାପଡ଼ିନାହାନ୍ତି।

### ଶିଶୁ ମହୋତ୍ସବ ଦ୍ୱିତୀୟ ଦିବସ

**ଢେଙ୍କାନାଳ ଅଫିସ, ୨୨।୧୨:** ଢେଙ୍କାନାଳ ଗୋପବନ୍ଧୁ ଟାଉନ୍ ହଲ୍‌ରେ ଚାଲିଥିବା ୮ମ ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବର ରବିବାର ଥିଲା ଦ୍ୱିତୀୟ ଦିବସ। ଏହି ଅବସରରେ ବିଜ୍ଞାନ, ଚିତ୍ରକଳା ପ୍ରଦର୍ଶନୀ, ଏକକ ନୃତ୍ୟ, ଦଳଗତ ନୃତ୍ୟ, ରଙ୍ଗଭରୋ, ପେଣ୍ଟିଂ, ବହୁଭାଷୀ ନାଟକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିସହ ଗୁରୁକୁଳ ଶିକ୍ଷାନୁଷ୍ଠାନ ତରଫରୁ ନାରାୟଣ ସେବା ଆୟୋଜିତ ହୋଇଥିଲା। ପ୍ରତିଯୋଗୀଙ୍କୁ ଉଦ୍ୟାନ ବିଭାଗ ଉପନିର୍ଦ୍ଦେଶଙ୍କ ଭଗବାନ ଦାସଙ୍କ ତରଫରୁ ଚାରା ପ୍ରଦାନ କରାଯାଇଥିଲା। ଅନୁଷ୍ଠାନର ନିର୍ଦ୍ଦେଶକ ଅଜିତ କୁମାର ରଣା, ସଂଯୋଜିକା ବୀରାଲକ୍ଷ୍ମୀ ରଣା, ସଭାପତି ଶିଳ୍ପୀ ପରେଶ ପଟ୍ଟନାୟକ, ଉପସଭାପତି ଗଗନ ବିହାରୀ ନନ୍ଦ, ସଭ୍ୟା ସୁମିତାରାୟ ପଟ୍ଟନାୟକ, ଅନସୂୟା ମହାନ୍ତି, ବିଶ୍ୱଜିତା ମଲ୍ଲିକ, ଗାଗାରିନ୍ ବେହେରା, ପ୍ରଜିତ କିଶୋର ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ବିଦ୍ୟା ରଥ ଧନ୍ୟବାଦ ଅର୍ପଣ କରିଥିଲେ।

## ■୨୪ରୁ ଜାତୀୟ ବହୁଭାଷୀ କପିଳାସ ନାଟ୍ୟ ମହୋତ୍ସବ

# ଭାଗନେବେ ୫ ଦଳ

**ଢେଙ୍କାନାଳ ଅଫିସ, ୨୨।୧୨**

ଢେଙ୍କାନାଳର ନାଟ୍ୟାନୁଷ୍ଠାନ କଳା ପରିଷଦ ପକ୍ଷରୁ ଆସନ୍ତା ୨୪ରୁ ୨୯ ତାରିଖ ଯାଏ ସ୍ଥାନୀୟ ମିନି ଷ୍ଟାଡିୟମ୍‌ରେ ଆୟୋଜିତ ହେବ ୫ମ ଜାତୀୟ ବହୁଭାଷୀ କପିଳାସ ନାଟ୍ୟ ମହୋତ୍ସବ। ରବିବାର ଅପରାହ୍ନରେ ସ୍ଥାନୀୟ ଏକ ହୋଟେଲରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଅନୁଷ୍ଠାନର ସଭାପତି ନାଟ୍ୟକାର ଦିଲ୍ଲିଶ୍ୱର ମହାରଣା ଏ ନେଇ ସୂଚନା ଦେଇଛନ୍ତି।

ନାଟ୍ୟ ମହୋତ୍ସବରେ ଦିଲ୍ଲୀ, କଲିକତା ସମେତ ୫ ଦଳ ଭାଗନେବେ। ୨୪ ତାରିଖ ଅପରାହ୍ନ ୪ଟାରେ ବାଜିଚୌକସ୍ଥିତ ମା' ବ୍ରହ୍ମାୟଣୀ ଦେବୀଙ୍କ ମନ୍ଦିରରୁ ପୂଜାର୍ଚ୍ଚନା ପରେ ନାଟ୍ୟ ଶୋଭାଯାତ୍ରା ସହର ପରିକ୍ରମା କରି ମିନି ଷ୍ଟାଡିୟମରେ ପହଞ୍ଚିବ। ୨୫ ତାରିଖ ସନ୍ଧ୍ୟାରେ କଳାପରିଷଦ ପକ୍ଷରୁ ଶତ୍ରୁଘ୍ନ ମାଟିଙ୍କ ନିର୍ଦ୍ଦେଶନାରେ ମଞ୍ଚସ୍ଥ ହେବ ଓଡ଼ିଆ ନାଟକ 'ଆପଣ ଯାହା ଚାହୁଁଥିଲେ'। ୨୬ ତାରିଖ ସନ୍ଧ୍ୟାରେ ଅନୁଗୋଳର ନାଟ୍ୟମ୍ ଅନୁଷ୍ଠାନ ପକ୍ଷରୁ ନିର୍ଦ୍ଦେଶକ ସୁଧାଂଶୁ ମୋହନ ଦ୍ୱିବେଦୀଙ୍କ ଓଡ଼ିଆ ନାଟକ 'ମାଟି ମା', ୨୭ ତାରିଖ ସନ୍ଧ୍ୟାରେ ଭୁବନେଶ୍ୱର ପଞ୍ଚମ ବେଦ ଅନୁଷ୍ଠାନ ପକ୍ଷରୁ ହରେନ୍ ସାହୁଙ୍କ ନିର୍ଦ୍ଦେଶନାରେ ଓଡ଼ିଆ ନାଟକ 'ପୁତ୍ରପୂଜା' ମଞ୍ଚସ୍ଥ ହେବ। ୨୮ରେ ନୂଆଦିଲ୍ଲୀର ଡ୍ରାମାଟୋଲୋଜି ଥିଏଟର ଗ୍ରୁପ୍ ଦ୍ୱାରା ସୁନୀଲ ଚୌହାନଙ୍କ ନିର୍ଦ୍ଦେଶନାରେ ହିନ୍ଦୀ ନାଟକ 'କାହାନୀ ଏକ୍ କଂସ୍ କୀ' ଏବଂ ଉଦ୍‌ଯାପନୀ ସନ୍ଧ୍ୟାରେ କଲିକତା ବିଭବ ନାଟ୍ୟ ଏକାଡେମୀ ପକ୍ଷରୁ ରାଜା ବାନାର୍ଜୀଙ୍କ ନିର୍ଦ୍ଦେଶନାରେ ବଙ୍ଗଳା ନାଟକ 'ଚରନ୍ ଏ ସୋମୋୟେ' ମଞ୍ଚସ୍ଥ ହେବ। ଏଥିସହ ପ୍ରତିଦିନ ସନ୍ଧ୍ୟାରେ ନାଟକ ପୂର୍ବରୁ ସାଂସ୍କୃତିକ ବିଚିତ୍ରା କାର୍ଯ୍ୟକ୍ରମ ପରିବେଷିତ ହେବ ବୋଲି ଅନୁଷ୍ଠାନ ପକ୍ଷରୁ ସୂଚନା ଦିଆଯାଇଛି। ଖବରଦାତା ସମ୍ମିଳନୀରେ ସାଧାରଣ ସମ୍ପାଦକ ଜୟନ୍ତ ବର୍ମା, ଅଭିନେତା ଇନ୍ଦ୍ରମଣି ବେହେରା, ଅମ୍ବିକା ପ୍ରସାଦ ପଟ୍ଟନାୟକ, ବିନୋଦ ମହାନ୍ତି, ନାରାୟଣ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ କଳାପରିଷଦର କର୍ମକର୍ତ୍ତା।

## ଗଣିତ ପ୍ରୟୋଗଶାଳା ଉଦ୍‌ଘାଟିତ


ବିଇଓ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରୁଛନ୍ତି।

**କାମାକ୍ଷାନଗର, ୨୨।୧୨(ଡି.ଏନ.ଏ.)**

କାମାକ୍ଷାନଗର କାନପୁରା ପଞ୍ଚାୟତିରାଜ ହାଇସ୍କୁଲରେ ରବିବାର ଜାତୀୟ ଗଣିତ ଦିବସ ଅବସରରେ ଗଣିତ ପ୍ରୟୋଗଶାଳା ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ପ୍ରଧାନ ଶିକ୍ଷକ ଶ୍ରୀରାମ ରାଉତ ଅଧ୍ୟକ୍ଷତା କରିଥିଲେ। ବିଇଓ ଅଜୟ ପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରି କହିଲେ, ଗଣିତ ବିନା ମାନବ ସମାଜ ମୂଲ୍ୟହୀନ। ଅଖିଳ ଭାରତୀୟ ବୈଦିକ ଗଣିତ ସହ ସଂଯୋଜକ ପ୍ରସନ୍ନ ସାହୁ ମୁଖ୍ୟବକ୍ତା ଭାବେ ଯୋଗଦେଇ ଗଣିତ ଓ ଭାଷା ସଂସ୍କୃତି ମୁଦ୍ରାର ଦୁଇଟି ସଦୃଶ ବୋଲି ମତ ରଖିଥିଲେ। ଇ-ଟେକ୍ ମହାବିଦ୍ୟାଳୟର ଅଧ୍ୟାପକ ଅମ୍ରିଶ ଠାକୁର ଗଣିତର ଆବଶ୍ୟକତା ସମ୍ପର୍କରେ ଆଲୋକପାତ କରିଥିଲେ।

ଅଧ୍ୟାପକ ବିଶ୍ୱନାଥ ଦାଶ, ଜିଲା ଗଣିତ ସାଧନ କର୍ମୀ ବଟକୃଷ୍ଣ ଦାସ, ଶିକ୍ଷକ ପ୍ରିୟବ୍ରତ ପଣ୍ଡା, କୈଳାସ ଚନ୍ଦ୍ର ପୃଷ୍ଟି ସମ୍ମାନିତ ଅତିଥି ଭାବେ ଉପସ୍ଥିତ ରହି ଗଣିତ ଦିବସର ମହତ୍ତ୍ୱ ଏବଂ ଗଣିତ ପାଇଁ ରାମାନୁଜନ୍‌ଙ୍କ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ଡ. ଚନ୍ଦ୍ରମଣି ଲେଙ୍କା, ସୁମିତ୍ରା ଜେନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ■ସରିଲା ବାର୍ଷିକ ଦୌଡ଼କୁଦ ପ୍ରତିଯୋଗିତା

# ୭୦ ପ୍ରତିଯୋଗୀଙ୍କୁ ପଦକ

**ଢେଙ୍କାନାଳ ଅଫିସ, ୨୨।୧୨**

ଜିଲା କ୍ରୀଡ଼ାସଂଘ ପକ୍ଷରୁ ଦୁଇଦିନ ଧରି ସ୍ଥାନୀୟ ଷ୍ଟାଡିୟମ୍‌ରେ ଚାଲିଥିବା ୬୬ତମ ଜିଲାସ୍ତରୀୟ ବାର୍ଷିକ ଦୌଡ଼କୁଦ ପ୍ରତିଯୋଗିତା ଶନିବାର ଉଦ୍‌ଯାପିତ ହୋଇଯାଇଛି। ପ୍ରତିଯୋଗିତାରେ ମହିଳା ବିଭାଗରେ ୧୦୫ ଏବଂ ପୁରୁଷ ବିଭାଗରେ ୧୮୪ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ବିଭିନ୍ନ ବିଭାଗରେ ମୋଟ ୭୦ଜଣ ପଦକ ହାସଲ କରିଛନ୍ତି। ଜିଲାର ବିଭିନ୍ନ ପ୍ରାନ୍ତରୁ ଆସିଥିବା ୫୫ଜଣ କ୍ରୀଡ଼ା ଶିକ୍ଷକ ଏହାକୁ ପରିଚାଳନା କରିଥିଲେ।

ଉଦ୍‌ଯାପନୀ ସମାରୋହରେ ମୁଖ୍ୟଅତିଥି ଭାବେ ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା ଯୋଗଦେଇ କହିଲେ, ଲୁକ୍କାୟିତ କ୍ରୀଡ଼ା ପ୍ରତିଭାଙ୍କୁ ଆଗକୁ ନେବାପାଇଁ ଏପରି ପ୍ରତିଯୋଗିତା ଏକ ମାଧ୍ୟମ। ଜିଲାପାଳ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଏହି ଅବସରରେ ପୌର କର୍ମଚାରୀ ରଙ୍କ ନାଏକ, କ୍ରୀଡ଼ା ସଙ୍ଗଠକ ମାୟାଧର ସାହୁ ଏବଂ ଅଜୟ କୁମାର ସ୍ୱାଇଁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।



ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀ।

ଜିଲା କ୍ରୀଡା ସଂଘ ସମ୍ପାଦକ ନଳିନୀ କୁମାର ଦାସ, ଉପସଭାପତି ସଞ୍ଜୟ କୁମାର ଭଞ୍ଜ, ରାମନାରାୟଣ ସାହୁ, ଦିବାକର ପ୍ରଧାନ, ଯୁଗ୍ମ ସମ୍ପାଦକ ମନୋଜ କୁମାର ପଟ୍ଟନାୟକ, ଗୌରାଙ୍ଗ ଚରଣ ସେଠୀ, ଅବସରପ୍ରାପ୍ତ ଅତିରିକ୍ତ କ୍ରୀଡ଼ା ନିର୍ଦ୍ଦେଶକ ଗିରିଜା ମହାନ୍ତି, ଜୟକୃଷ୍ଣ ପଟ୍ଟନାୟକ, ଅଜୟ ପଟ୍ଟନାୟକ, ଦେବେନ୍ଦ୍ର ନାରାୟଣ ପଟ୍ଟନାୟକ, ସରୋଜ ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ। ଶତ୍ରୁଘ୍ନ ମାଟି ଘୋଷକ ଦାୟିତ୍ୱ ତୁଲାଇଥିଲେ। ଶେଷରେ ପ୍ରତିଯୋଗିତା ଭାଗ ନେଇଥିବା ଖେଳାଳିମାନେ ମାର୍ଚ୍ଚପାଷ୍ଟ କରିଥିଲେ।

## ନାବାଳିକାଙ୍କୁ ବଳାତ୍କାର ଅଭିଯୋଗ

**ପରଜଙ୍ଗ, ୨୨।୧୨(ଡି.ଏନ.ଏ.)**

ପରଜଙ୍ଗ ଥାନା ସାଆନ୍ଦା ଫାଣ୍ଡି ଅଞ୍ଚଳର ଜଣେ ନାବାଳିକାଙ୍କୁ ବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି। ଏତଲାରେ ଦର୍ଶାଯାଇଛି, ପାଟରପଦା ତଳସାହିର ସାଇରାଜ ସାହୁ (୨୦) ବର୍ଷେ ହେଲା ସମ୍ପୃକ୍ତ ନାବାଳିକାଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ବାରମ୍ବାର ଶାରୀରିକ ସମ୍ପର୍କ ରଖି ଆସୁଥିଲେ। ନାବାଳିକା ଜଣକ ବିବାହ କରିବାକୁ କହିବା ପରେ ସେ ଧରାଛୁଆଁ ଦେଉ ନ ଥିଲେ। ଶନିବାର ପୂର୍ବାହ୍ନ ୮ଟାରେ ଅଭିଯୁକ୍ତ ଯୁବକ ନାବାଳିକାଙ୍କୁ ଫୋନ୍ କରି ଭାଲୁମୁଣ୍ଡା ଛକକୁ ଡାକିଥିଲେ। ତାଙ୍କ କଥାରେ ପଡ଼ି ନାବାଳିକା ଜଣକ ଘରୁ ପଳାଇ ଆସିଥିଲେ। ହେଲେ ସାଇରାଜ ତାଙ୍କୁ ଚିହ୍ନି ନ ଥିବା କହିଥିଲେ। ଏପରି କି ପୋଲିସରେ ଅଭିଯୋଗ କଲେ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହେବାପରେ ସ୍ଥାନୀୟ ଲୋକେ ରୁଣ୍ଡ ହୋଇଥିଲେ। ହେଲେ ଅଭିଯୁକ୍ତ ବାଇକ୍ ଛାଡ଼ି କୌଶଳକ୍ରମେ ଫେରାର ହୋଇଯିବାକୁ ସକ୍ଷମ ହୋଇଥିଲେ। ଏ ନେଇ ପୀଡ଼ିତାଙ୍କ ଅଭିଯୋଗକ୍ରମେ ନଂ. ୩୧୧/୧୯ ପୋକ୍‌ସୋ ଆକ୍ଟରେ ମାମଲା ରୁଜୁହୋଇଛି। ପୋଲିସ ବାଇକ୍ ଜବତ କରିଛି। ଏସ୍‌ଆଇ ସସ୍ମିତା ପାଲ୍ ବୟାନ ରେକର୍ଡ କରିବା ପରେ ରବିବାର ପୀଡ଼ିତାଙ୍କ ଡାକ୍ତରୀ ପରୀକ୍ଷା କରାଯାଇଛି। ସୋମବାର କୋର୍ଟରେ ବୟାନ ରେକର୍ଡ କରାଯିବ। ଅଭିଯୁକ୍ତଙ୍କୁ ଖୁବଶୀଘ୍ର ଗିରଫ କରାଯିବ ବୋଲି ତଦନ୍ତକାରୀ ଅଧିକାରୀ ଏସ୍‌ଆଇ ସରୋଜ କୁମାର ସେଠୀ କହିଛନ୍ତି।

## ■ଭୂମିସ୍ପର୍ଶ ଉତ୍ସବ

# କବିତା ହେଉଛି ମୁକ୍ତ ଆକାଶର ବିହଙ୍ଗ



କବିତା ସଂକଳନ ବିମୁଗ୍ଧ ନିର୍ବାଣକୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।

**ଢେଙ୍କାନାଳ ଅଫିସ, ୨୨।୧୨**

ଢେଙ୍କାନାଳ ଗୁଡିଆନାଳୀସ୍ଥିତ କଲ୍ୟାଣ ମଣ୍ଡପରେ ରବିବାର ଅପରାହ୍ନରେ ଅଧ୍ୟାପକ ସୁରେଶ ପ୍ରସାଦ ମିଶ୍ରଙ୍କ କବିତା ସଙ୍କଳନ 'ବିମୁଗ୍ଧ ନିର୍ବାଣ' ଉନ୍ମୋଚିତ ହୋଇଛି। ଏହି ଉପଲକ୍ଷେ ଆୟୋଜିତ 'ଭୂମିସ୍ପର୍ଶ' ସମାରୋହରେ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଶିଷ୍ଟ କବି ଜୟନ୍ତ ମହାପାତ୍ର ପୁସ୍ତକକୁ ଉନ୍ମୋଚନ କରି କହିଲେ, କବିତା ମୁକ୍ତ ଆକାଶର ବିହଙ୍ଗ। ପ୍ରତ୍ୟେକ କବି ସ୍ୱାଧୀନଚେତା ହେବା ସହିତ ସ୍ୱାଧୀନ ଭାବରେ ସାହିତ୍ୟ ରଚନା କରିବା ଉଚିତ। ସମ୍ମାନିତ ଅତିଥି ଭାବେ ଯୋଗଦେଇ ଅଧ୍ୟାପକ ଡ. ବାବାଜୀ ଚରଣ ପଟ୍ଟନାୟକ କହିଲେ, କବିତା ସମାଜର ପ୍ରତିଛବି ନୁହେଁ, ବରଂ ସମାଜ ଉପରେ କବିଙ୍କ ପ୍ରତିକ୍ରିୟା ହୋଇପାରିଲେ ଏହା ଅଧିକ ମର୍ମସ୍ପର୍ଶୀ ହୋଇଥାଏ। ଅନ୍ୟତମ ଅତିଥି କବି ଭାଗିରଥୀ ମିଶ୍ର କବିତା ଏକ ବ୍ୟକ୍ତିଗତ ଆବେଗ ବୋଲି କହିଥିଲେ। ଉତ୍ସବରେ ଅଧ୍ୟକ୍ଷତା କରି ଆଇଆଇଏମ୍‌ସିର ନିର୍ଦ୍ଦେଶକ ଡ. ମୃଣାଳ ଚାଟାର୍ଜୀ କହିଲେ କବିତା ଜୀବନ ଏବଂ ସମାଜ ପାଇଁ ଖୁବ୍ ଜରୁରୀ। କବି ଅକ୍ଷୟ ପାତ୍ର କବିତା ସଙ୍କଳନର ସମୀକ୍ଷା କରିଥିବାବେଳେ ଅଧ୍ୟାପକ ସୁରେଶ ପ୍ରସାଦ ମିଶ୍ର ନଜସ୍ୱ ପୁସ୍ତକ ସମ୍ପର୍କରେ ସୂଚନା ଦେଇଥିଲେ। ଏହି କବିତା ସଂକଳନରେ ୪୫ କବିତା ରହିଛି । ଏହି ଅବସରରେ କବି ଜୟନ୍ତ ମହାପାତ୍ରଙ୍କ କବିତା ସଂକଳନ 'ଆଉ ୧୦ଟି' ଏବଂ ଡ. ମୃଣାଳ ଚାଟାର୍ଜୀଙ୍କ ପଥପ୍ରାନ୍ତରେ ସଂକଳନର ପ୍ରଚ୍ଛଦପଟ ଉନ୍ମୋଚିତ ହୋଇଥିଲେ। କବି ଆର୍ଯ୍ୟରତ୍ନ ଚକ୍ରଧର ଧନ୍ୟବାଦ ଦେଇଥିଲେ।

# ଶିକ୍ଷାର ବିକାଶ ଉପରେ ଗୁରୁତ୍ୱ

**ବଇଣ୍ଡା,୨୨।୧୨(ଡି.ଏନ.ଏ.)**

କିଶୋରନଗର ବ୍ଲକ ବଇଣ୍ଡାସ୍ଥିତ ବିଦ୍ୟାନିକେତନ ପରିସରରେ ଗୁରୁବାର ଶିଶୁ ମହୋତ୍ସବ ଓ ବାର୍ଷିକ ଉତ୍ସବ ପାଳିତ ହୋଇଛି। ପ୍ରଧାନ ଆଚାର୍ଯ୍ୟ ସରୋଜ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲା ପରିଷଦ ସଦସ୍ୟା ଜୟନ୍ତୀ ପ୍ରଧାନ ଯୋଗଦେଇ ଶିକ୍ଷାର ବିକାଶ ଉପରେ ଅଧିକ ଗୁରୁତ୍ୱ ଦେବା ପାଇଁ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ଭାବେ ବିଦ୍ୟାଳୟ ସଭାପତି ଡ. ସଞ୍ଜୟ ପ୍ରଧାନ ଯୋଗ ଦେଇଥିଲେ। ଏଥିରେ ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ବଣ୍ଟନ କରାଯାଇଥିଲା।

## ■ସାନ୍ତାଳ ଭାଷା ବିଜୟ ଦିବସ

# ନୃତ୍ୟରେ ଦୁଲୁକିଲା ସହର


କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

**କାମାକ୍ଷାନଗର, ୨୨।୧୨(ଡି.ଏନ.ଏ.)**

କାମାକ୍ଷାନଗରରେ ରବିବାର ସାନ୍ତାଳଙ୍କ ଅଲ୍‌ଚିକ୍ ଭାଷା ବିଜୟ ଦିବସ ଧୁମ୍‌ଧାମରେ ପାଳିତ ହୋଇଯାଇଛି। ଢେଙ୍କାନାଳ ସମେତ ଆଖପାଖ ଜିଲାର ଶତାଧିକ ସାନ୍ତାଳ ସମ୍ପ୍ରଦାୟର ଆଦିବାସୀ ଏକାଠି ହୋଇଥିଲେ। ପାରମ୍ପରିକ ନୃତ୍ୟଗୀତରେ ଦୁଲୁକି ଉଠିଥିଲା ସମଗ୍ର ସହର।

ପ୍ରାରମ୍ଭରେ ଏକ ବିଶାଳ ଶୋଭାଯାତ୍ରା ବଜାର ପରିକ୍ରମା କରିବା ପରେ ସାରଙ୍ଗଧର ଷ୍ଟାଡିୟମରେ ପହଞ୍ଚିଥିଲା। ସେଠାରେ ଆୟୋଜିତ ସାଧାରଣ ସଭାରେ ଅନୁଗୋଳ ଅତିରିକ୍ତ ଏସ୍‌ପି ଯଦୁନାଥ ହାଂସଦା, ମୁଖ୍ୟବକ୍ତା ନାଲ୍‌କୋ ଏଜିଏମ୍ ସ୍ୱରୂପ ବାସ୍କେ, ସମ୍ମାନିତ ଅତିଥି ଭାବେ ଡାକ୍ତର ଅନନ୍ତ ଚରଣ ବେଶ୍ରା, ଓଡ଼ିଶା ପ୍ରାନ୍ତ ପ୍ରଗଣାର ଚିତନ ପ୍ରସାଦ ମାଝି, ଅତିରିକ୍ତ ତହସିଲଦାର ଅନୁପମା ମୁର୍ମୁ, ସଦର ରେଞ୍ଜ ଅଫିସର ଧରିତ୍ରୀ ମୁର୍ମୁ, ବୈଜ୍ଞାନିକ ଶୁଭାଶିଷ ମାରାଣ୍ଡି, ଯନ୍ତ୍ରୀ ସୁନାରାମ ମୁର୍ମୁ, ପ୍ରେମାନନ୍ଦ ସାହୁ, ପୀତାମ୍ବର ମାରାଣ୍ଡି, ମାଧବାନନ୍ଦ ମାରାଣ୍ଡି, ଭିକାରୀ ଚରଣ ନାଏକ, ଶିବୁ ହାଂସଦା ପ୍ରମୁଖ ଉପସ୍ଥିତ ରହି ଅଲ୍‌ଚିକ ଭାଷାର ଉନ୍ନତି, ସାନ୍ତାଳ ସମ୍ପ୍ରଦାୟର ସମସ୍ୟା ଓ ଏହାର ସମାଧାନ ସମ୍ପର୍କରେ ଆଲୋଚନା କରିଥିଲେ।

## ସୁରକ୍ଷିତ ପଞ୍ଚାୟତ ଉପରେ ଆଲୋଚନା

**ଢେଙ୍କାନାଳ ଅଫିସ, ୨୨।୧୨**

ଅଲିଭା ମହାସଂଘର ପ୍ରତିନିଧିଙ୍କୁ ନେଇ ଶନିବାର ଜିଲାସ୍ତରୀୟ ମହିଳା ସମାବେଶ ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ସ୍ମିତାରାଣୀ ସାମଲ, ପିପାର ଅନୁଷ୍ଠାନ ସଂଯୋଜକ ରୁଦ୍ର ନାରାୟଣ ମିଶ୍ର, ମହାସଂଘ ସଭାନେତ୍ରୀ ରେଣୁବାଳା ବେହେରା ପ୍ରମୁଖ ଯୋଗଦେଇ ନିଶା ନିବାରଣ, ମହିଳାଙ୍କ ସୁରକ୍ଷା, ହଙ୍ଗର ପ୍ରୋଜେକ୍ଟର କାର୍ଯ୍ୟକାରିତା, ସୁରକ୍ଷିତ ପଞ୍ଚାୟତ ଉପରେ ଆଲୋଚନା କରିଥିଲେ।

ସମ୍ବଳ କର୍ମୀ ପ୍ରଳୟ ଦାସ ପଞ୍ଚାୟତସ୍ତରରେ ମହିଳା ଓ ଶିଶୁଙ୍କ ସୁରକ୍ଷା ପାଇଁ କାର୍ଯ୍ୟକାରୀ ହେଉଥିବା ଯୋଜନା ଉପରେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ବିଧାୟକ ସୁଧୀର ସାମଲଙ୍କ ପ୍ରତିନିଧି ଭାବେ ନରୋତ୍ତମ ସାମଲ ଯୋଗଦେଇ ମହିଳାଙ୍କ ଏକ ଦାବିପତ୍ର ଗ୍ରହଣ କରିଥିଲେ। ବ୍ଲକ ସଂଯୋଜିକା ମମତାମୟୀ ପଣ୍ଡା, ଦେବରାଜ ନାୟକ, ସୁକୁମାର ନାୟକଙ୍କ ସମେତ ସଦର ଏବଂ ଓଡ଼ାପଡ଼ା ବ୍ଲକର ଶତାଧିକ ପଞ୍ଚାୟତ ପ୍ରତିନିଧି ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ।

## ■କୁଟୀରଶିଳ୍ପ ସଚେତନତା କାର୍ଯ୍ୟକ୍ରମ

# ଭାଗନେଲେ ୨୦୦ କାରିଗର


ଶିବିରରେ ଯୋଗଦେଇଥିବା କାରିଗର।

**ଢେଙ୍କାନାଳ ଅଫିସ, ୨୨।୧୨**

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ଇନ୍ଦିପୁର ପଞ୍ଚାୟତ କାର୍ଯ୍ୟାଳୟରେ ଜିଲା ଆଞ୍ଚଳିକ ଶିଳ୍ପକେନ୍ଦ୍ର ପକ୍ଷରୁ ଗତ ଶୁକ୍ରବାର ହସ୍ତ, କୁଟୀରଶିଳ୍ପ, ଅଣୁ କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ପ୍ରତିଷ୍ଠା ସମ୍ପର୍କିତ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକର ବିଭିନ୍ନ ପଞ୍ଚାୟତରୁ ୨୦୦ ମହିଳାପୁରୁଷ କାରିଗର ଯୋଗଦେଇଥିଲେ।

ଶିବିରକୁ ଉଦ୍‌ଘାଟନ କରି ଆଞ୍ଚଳିକ ଶିଳ୍ପକେନ୍ଦ୍ରର ସାଧାରଣ ପରିଚାଳକ ଉମାକାନ୍ତ ରାଜ କହିଲେ, ହସ୍ତଶିଳ୍ପ, କୁଟୀର ଶିଳ୍ପ, କତାଶିଳ୍ପ ମାଧ୍ୟମରେ ଅଧିକରୁ ଅଧିକ ପରିବାର ଆତ୍ମନିର୍ଭରଶୀଳ ହୋଇପାରିବେ। ଏହା କାରିଗରଙ୍କ ଆର୍ଥିକ ମାନଦଣ୍ଡକୁ ସଶକ୍ତ କରାଇବ। ଶିବିରରେ ଯୋଗଦେଇଥିବା ତାଲିମପ୍ରାପ୍ତ ହିତାଧିକାରୀଙ୍କ ଅନୁଭୂତି ଅଭିଜ୍ଞତାକୁ ନେଇ କାର୍ଯ୍ୟ କଲେ ହିତାଧିକାରୀମାନେ ଉପକୃତ ହୋଇପାରିବେ ବୋଲି ସେ ମତବ୍ୟକ୍ତ କରିଥିଲେ। ଆଞ୍ଚଳିକ ଶିଳ୍ପକେନ୍ଦ୍ର ପରିଚାଳକ ବିପିନ କୁମାର ଦେହୁରୀ, ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ଶାଖା ପରିଚାଳକ ସ୍ମୃତିଦୀପ ରାୟ, ସରପଞ୍ଚ ରାଜକିଶୋର ରାଉତ, ଜିଲା କତାଶିଳ୍ପ ବିକାଶ କ୍ଷେତ୍ରରେ ସଙ୍ଗଠକ ରୂପେ କାମ କରୁଥିବା ଅମ୍ବୁଜ କୁମାର ପୁହାଣ ପ୍ରମୁଖ ଉପସ୍ଥିତ ରହି କାରିଗରଙ୍କୁ ଉତ୍ସାହିତ କରାଇଥିଲେ।

ଏହି ଅବସରରେ କଂସା, ପିତଳ କାରିଗରି, ଟ୍ରାଇବାଲ ଜୁଏଲାରୀ, ବେତ, ବାଉଁଶ, ଚାନ୍ଦୁଆ, କତା ସାମଗ୍ରୀ ପ୍ରସ୍ତୁତି ସମ୍ପର୍କରେ ତାଲିମ ଦିଆଯାଇଥିଲା। ଖଦୀ ଓ ଗ୍ରାମ୍ୟ ଶିଳ୍ପ ପର୍ଯ୍ୟବେକ୍ଷକ ସୁରେଶ ଚନ୍ଦ୍ର ଦାସ ଧନ୍ୟବାଦ ଦେଇଥିଲେ।

## ସଂକ୍ଷେପରେ

### ବରିଷ୍ଠ ନାଗରିକଙ୍କ ବୈଠକ

**ଢେଙ୍କାନାଳ ଅଫିସ, ୨୨।୧୨:** ଢେଙ୍କାନାଳସ୍ଥିତ ପିପାର ଅନୁଷ୍ଠାନ ସମ୍ମିଳନୀ କକ୍ଷରେ ବରିଷ୍ଠ ନାଗରିକଙ୍କ ସାଧାରଣ ପରିଷଦ ବୈଠକ ଯୋଗୀନାଥ ମହାନ୍ତିଙ୍କ ସଭାପତିତ୍ୱରେ ରବିବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ପରିଷଦର ସ୍ଥାୟୀ ସଭାପତି ଅବସରପ୍ରାପ୍ତ ଜିଲାଜଜ୍ ଦୁର୍ଗାଚରଣ ମିଶ୍ର, ମୁଖ୍ୟବକ୍ତା ସମ୍ପାଦକ ଅବସରପ୍ରାପ୍ତ ସର୍ବୋଚ୍ଚ ଯନ୍ତ୍ରୀ ବେଣୁଧର ମିଶ୍ର ଏବଂ ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଜିଲା ଜଜ୍ ସରୋଜ କୁମାର ସାହୁଙ୍କ ସମେତ ଜିଲାର ବିଭିନ୍ନ ସ୍ଥାନରୁ ଶତାଧିକ ବରିଷ୍ଠ ନାଗରିକ ଯୋଗ ଦେଇଥିଲେ। ଦୁର୍ନୀତି ନିବାରଣ, ନାରୀ ନିର୍ଯାତନା ଏବଂ ବରିଷ୍ଠ ନାଗରିକଙ୍କୁ ଅବହେଳା ବିରୋଧରେ ସ୍ୱର ଉଠାଇବା, ନିଶା ନିବାରଣ ଆଦି ବିଷୟରେ ଆଲୋଚନା ହୋଇଥିଲା।

### ଜିଲାସ୍ତରୀୟ ନୃତ୍ୟ, ଚିତ୍ରାଙ୍କନ ପ୍ରତିଯୋଗିତା

**ଭୁବନ, ୨୨।୧୨(ଡି.ଏନ.ଏ.):** ଢେଙ୍କାନାଳ ଜିଲା ଭୁବନ ଫାଷ୍ଟଷ୍ଟେପ୍ ସ୍କୁଲ ପକ୍ଷରୁ ଦୁଇଦିନ ଧରି ଚାଲିଥିବା ଜିଲାସ୍ତରୀୟ ନୃତ୍ୟ ଓ ଚିତ୍ରାଙ୍କନ ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଯାଇଛି। ଚିତ୍ରାଙ୍କନରେ ୨୫ ଏବଂ ନୃତ୍ୟରେ ୩୫ ପ୍ରତିଯୋଗୀ ଭାଗ ନେଇଥିଲେ। ଶ୍ରୀଧର ଆଏଚ୍, ସୁଜିତ ଦାସ ଚିତ୍ରାଙ୍କନ ପ୍ରତିଯୋଗିତାକୁ ଆୟୋଜନ କରିଥିଲେ। ଭଗବାନ ଗୁରୁ, ଦେବାଶିଷ ଦାସ ନୃତ୍ୟ ପ୍ରତିଯୋଗିତାକୁ ପରିଚାଳନା କରିଥିଲେ। ଶ୍ରେଷ୍ଠ ପ୍ରତିଯୋଗୀଙ୍କୁ ଜାନୁୟାରୀ ୧୪ରେ ଅନୁଷ୍ଠାନର ବାର୍ଷିକ ଉତ୍ସବରେ ପୁରସ୍କୃତ କରାଯିବ। ଗୁରୁପ୍ରସାଦ ମିଶ୍ର, ଶକ୍ତି ପ୍ରସାଦ ସାହୁ, ବିନୋଦ ମହାରଣା ପ୍ରମୁଖ ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ବାର୍ଷିକ କ୍ରୀଡ଼ା ଉତ୍ସବ

**ଭୁବନ, ୨୨।୧୨(ଡି.ଏନ.ଏ.):** ଢେଙ୍କାନାଳ ଜିଲା ଭୁବନ ବ୍ଲକ କୁନିନ୍ଦାସ୍ଥିତ ତପୋବନ ହାୟର ସେକେଣ୍ଡାରୀ ସ୍କୁଲର ବାର୍ଷିକ କ୍ରୀଡ଼ା ଉତ୍ସବ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଏହା ୩ଦିନ ଧରି ଚାଲିଥିଲା। ମୁଖ୍ୟଅତିଥି ଭାବେ ଅଧକ୍ଷ ଅଶ୍ୱିନୀ ବେହେରା ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ସମସ୍ତ ବିଭାଗରେ ୬୫ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ଦୌଡ, ମ୍ୟୁଜିକ୍ ଚେୟାର ଓ କ୍ରିକେଟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବାଳିକା ବିଭାଗରେ ରେଶମାରାଣୀ ସାହୁ, ବାଳକର ସାଗର ଭଦ୍ରା ଚାମ୍ପିୟନ ହୋଇଛନ୍ତି। କ୍ରୀଡ଼ା ଶିକ୍ଷକ ଶିବରମଣ ଜେନା ଖେଳ ପରିଚାଳନା କରିଥିବାବେଳେ ସମସ୍ତ ଅଧାପିକାଅଧାପକ ଏଥିରେ ସହଯୋଗ କରିଥିଲେ।

### ବିଦାୟକାଳୀନ ସମ୍ବର୍ଦ୍ଧନା

**ଢେଙ୍କାନାଳ ଅଫିସ, ୨୨।୧୨:** ଢେଙ୍କାନାଳ ସଦର ବ୍ଲକ କଙ୍କଡ଼ାପାଳ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶନିବାର ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଡେରାସିଂ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସବିତା କୁମାରୀ ନନ୍ଦ, ନରଣପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁପ୍ରଭା ମିଶ୍ରଙ୍କୁ ରଞ୍ଜା କ୍ଲଷ୍ଟର ତରଫରୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ସିଆର୍‌ସିସି ପ୍ରମୋଦ ସାହୁଙ୍କ ଅଧକ୍ଷତାରେ ଆୟୋଜିତ ସଭାରେ ପ୍ରଧାନ ଶିକ୍ଷକ ଅଶୋକ ମିଶ୍ର, ନିରାକାର ବେହେରା, ପ୍ରଧାନ ଶିକ୍ଷୟିତ୍ରୀ ଗୌରୀ ଦେଈ ଅତିଥି ଭାବେ ଯୋଗଦେଇ ବିଦାୟୀ ଶିକ୍ଷୟିତ୍ରୀଙ୍କ କର୍ମମୟ ଜୀବନ ଏବଂ ଗୁଣାବଳୀ ସମ୍ପର୍କରେ ଆଲୋକପାତ କରିଥିଲେ। ବୀଣାପାଣି ପାଲ୍, ଅଶୋକ ବାରିକ, ବିଷ୍ଣୁ ମଲ୍ଲିକ, ପ୍ରଦୀପ ବେହେରା, ଆର୍ଯ୍ୟବାଳା ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

■ସର୍ବଭାରତୀୟ ଦେବେନ୍ଦ୍ର ମେମୋରିଆଲ କ୍ରିକେଟ

# ବିଜୟରୁ କରିମ୍ ସ୍ପୋର୍ଟିଂର ଅଭିଯାନ



ଉଦ୍‌ଘାଟନୀ ମ୍ୟାଚ୍‌ରେ ଉଭୟ ଦଳର ଖେଳାଳିମାନେ।

**ଭୁବନ, ୨୨।୧୨(ଡି.ଏନ.ଏ.)**

ଢେଙ୍କାନାଳ ଜିଲା ଭୁବନ ମିନି ଷ୍ଟାଡିୟମରେ ରବିବାରଠାରୁ ଆରମ୍ଭ ହୋଇଛି ୨୮ତମ ସର୍ବଭାରତୀୟ ଦେବେନ୍ଦ୍ର ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ। ଉଦ୍‌ଘାଟନୀ ମ୍ୟାଚ୍‌ରେ ଭୁବନେଶ୍ୱର ରାମେଶ୍ୱର ସ୍ପୋର୍ଟିଂକୁ ହରାଇ ନାଗପୁର କରିମ୍ ସ୍ପୋର୍ଟିଂ କ୍ରିକେଟ କ୍ଲବ ବିଜୟ ଅଭିଯାନ ଆରମ୍ଭ କରିଛି। ଟସ୍ ଜିତି ବ୍ୟାଟିଂ କରିଥିବା ରାମେଶ୍ୱର ଦଳ ନିର୍ଦ୍ଧାରିତ ୨୫ ଓଭରରେ ୭ ଉଇକେଟ ହରାଇ ୧୪୩ ରନ୍ ସଂଗ୍ରହ କରିଥିଲା। ଜବାବରେ କରିମ୍ ସ୍ପୋର୍ଟିଂ ୨୨.୧ ଓଭରରେ ୫ ଉଇକେଟ ହରାଇ ୧୪୫ ରନ କରି ବିଜୟୀ ହୋଇଥିଲା। ବିଜୟୀ ଦଳର ମନୀଷ ୧୯ ବଲ୍‌ରୁ ୩୬ ଏବଂ ଆର୍ଯ୍ୟାନ୍ ୩୬ ବଲ୍‌ରୁ ୩୯ରନ କରିଥିଲେ। ଅଧିନାୟକ ସଚିନ କୁମାର ପଟେଲ ୫ ଓଭର ବୋଲିଂ କରି ୧୨ ରନ୍ ବିନିୟମରେ ୩ଟି ମୂଲ୍ୟବାନ ଉଇକେଟ ନେଇଥିଲେ। ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ତାଙ୍କୁ ମ୍ୟାଚ୍ ଅଫ୍ ଦି ମ୍ୟାଚ୍ ଘୋଷଣା କରାଯାଇଥିଲା।

ଅସିତ କୁମାର ପଟ୍ଟନାୟକ, ବିପିନ ବିହାରୀ ସେଠୀ ମ୍ୟାଚ୍ ପରିଚାଳନା କରିଥିଲେ। ଅମିତାଭ ସାହୁ, ପ୍ରଜିତ କିଶୋର ସାହୁ ଧାରା ବିବରଣୀ ଦେଇଥିଲେ। ସାମାଜିକ କର୍ମୀ ହରିହର ସାହୁ ମୁଖ୍ୟଅତିଥିଭାବେ ଯୋଗଦେଇ ଟୁର୍ନାମେଣ୍ଟ ଉଦ୍‌ଘାଟନ କରିଥିଲେ। ପଣ୍ଡିତ ମାତୃ ପ୍ରସାଦ ମିଶ୍ର, ଜିଲା ପରିଷଦ ଉପସଭାପତି କୋଦଣ୍ଡଧର ସାହୁ, ଜିଲା ପ୍ରେସ୍ କ୍ଲବ ସମ୍ପାଦକ ସତ୍ୟସ୍ୱରୂପ ଦାସ, ଇଂ. ଶକ୍ତିପ୍ରସାଦ ସାହୁ ଅତିଥି ଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରାଇଥିଲେ।



“ଚଳିତ ଟୁର୍ନାମେଣ୍ଟ ଜିତିବାକୁ ମାନସିକସ୍ତରରେ ପ୍ରସ୍ତୁତ ହୋଇ ଆସିଛୁ। ପ୍ରଥମ ମ୍ୟାଚ୍‌ରେ ଜିତିବା ଆତ୍ମବିଶ୍ୱାସ ବଢ଼ାଇଛି। ଏହା ପରବର୍ତ୍ତୀ ମ୍ୟାଚ୍‌ରେ ଭଲ ପ୍ରଦର୍ଶନ କରିବାକୁ ଉତ୍ସାହ ଯୋଗାଇବ। ମ୍ୟାଚ୍ ଜିତିବା ପଛରେ ସବୁ ସାଥୀ ଖେଳାଳିଙ୍କ ସହଯୋଗ ରହିଛି।

**–ସଚିନ ପଟେଲ, କରିମ ସ୍ପୋର୍ଟିଂ ଅଧିନାୟକ**



“୨୦୧୭ରେ ଏହି ପଡିଆରେ ଚାମ୍ପିୟନ ହୋଇଥିଲୁ। ପ୍ରଥମ ମ୍ୟାଚ୍‌ରେ ଆଶାନୁରୂପକ ପ୍ରଦର୍ଶନ କରିପାରିନାହୁଁ। ରନ୍ ହାର କମ୍ ଥିଲା। ତେଣୁ ମ୍ୟାଚ୍ ହାତରୁ ଖସିଗଲା। ସୋମବାର ମ୍ୟାଚ୍‌ରେ ବିଜୟ ସହ ପ୍ରତ୍ୟାବର୍ତ୍ତନ କରିବା ଲକ୍ଷ୍ୟରେ ଅଛୁ।

**–ନିହାର ରଞ୍ଜନ ପଟେଲ, ରାମେଶ୍ୱର ସ୍ପୋର୍ଟିଂ ଅଧିନାୟକ,**



■ଜବରଦଖଲରେ ଶ୍ମଶାନ ରାସ୍ତା

## ଉଚ୍ଛେଦ ପାଇଁ ଏକଜୁଟ ହେଲେ ଗ୍ରାମବାସୀ

**ହିନ୍ଦୋଳ, ୨୨।୧୨(ଡି.ଏନ.ଏ.)**

ହିନ୍ଦୋଳ ବ୍ଲକ ଠୋକର ପଞ୍ଚାୟତର ଶ୍ମଶାନ ରାସ୍ତାକୁ ଜନୈକ ବ୍ୟକ୍ତି ଦୀର୍ଘଦିନ ଧରି ଅବରୋଧ କରି ରଖିବା ସହ ବାସଗୃହ ନିର୍ମାଣ କରିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଫଳରେ ଗ୍ରାମବାସୀ ଯାତାୟାତ କରିବାରେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏ ସମ୍ପର୍କରେ ବହୁଥର ଗ୍ରାମସଭା ବସି ସମ୍ପୃକ୍ତ ବ୍ୟକ୍ତିଙ୍କୁ ଜବରଦଖଲ ହଟାଇବାକୁ ନିବେଦନ କରାଯାଇଥିଲେ ହେଁ ସେ ଶୁଣୁନାହାନ୍ତି। ଗ୍ରାମବାସୀ ସବୁଆଡୁ ନିରାଶ ହେବାପରେ ପ୍ରଶାସନର ସହାୟତା ନେବାକୁ ନିଷ୍ପତ୍ତି ନେଇଛନ୍ତି। ଏ ନେଇ ରବିବାର ଅପରାହ୍ନରେ ଗ୍ରାମ କୋଠଘରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଗ୍ରାମ ସଭାପତି ସନ୍ତୋଷ କୁମାର ସାମଲଙ୍କ ଆବାହକତ୍ୱରେ ଆୟୋଜିତ ସଭାରେ ଗ୍ରାମର ସମସ୍ତ ମହିଳାପୁରୁଷ ଉପସ୍ଥିତ ଥିଲେ।

ଉଚ୍ଛେଦ ସମ୍ପର୍କରେ ପ୍ରଥମେ ଉପଜିଲାପାଳ, ତହସିଲଦାରଙ୍କୁ ଅବଗତ କରାଯିବ। ଏଥିରେ ବିଫଳ ହେଲେ ଜିଲାପାଳ ଏବଂ ଅନ୍ୟ ଉଚ୍ଚ ପଦାଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯିବ। ସମସ୍ୟାର ତୁରନ୍ତ ସମାଧାନ କରା ନ ଗଲେ ଆନ୍ଦୋଳନାତ୍ମକପନ୍ଥା ଅବଲମ୍ବନ କରାଯିବ ବୋଲି ଗ୍ରାମସଭାରେ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ହୋଇଛି। ବୈଠକରେ ଗ୍ରାମ କମିଟି ସମ୍ପାଦକ ଅନ୍ତର୍ଯାମୀ ମାଝି, ପୂର୍ବତନ ସଭାପତି କାର୍ତ୍ତିକେଶ୍ୱର ସାମଲ, ବରିଷ୍ଠ ସଦସ୍ୟ ସୁଧାକର ସାମଲ, ସାରଙ୍ଗଧର ସାମଲ, ନରେଶ ଗଡନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ବ୍ଲକସ୍ତରୀୟ ଶିଶୁମେଳା



**ଢେଙ୍କାନାଳ ଅଫିସ, ୨୨।୧୨**

ଢେଙ୍କାନାଳ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ରବିବାର ସଦର ବ୍ଲକସ୍ତରୀୟ ଶିଶୁମେଳା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବିଦ୍ୟାଳୟର ଅଧକ୍ଷ ଅଜୟ ବଳ, ସମ୍ମାନିତ ଅତିଥି ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସରୋଜକାନ୍ତ ଦାସ, କ୍ଷେତ୍ରବାସୀ ସାହୁ, ଦୁର୍ଗାଚରଣ ମହାପାତ୍ର, ଜିଲା କାର୍ଯ୍ୟକାରୀ ସଭାପତି ପ୍ରଶାନ୍ତ ଧଳ, ସମ୍ପାଦକ ବିଭୂତି ଭୂଷଣ ସାମଲ ପ୍ରମୁଖ ଯୋଗଦେଇ ଶିଶୁ ପ୍ରତିଭାର ବିକାଶ ଉପରେ ଆଲୋକପାତ କରିଥିଲେ। ଜିଲା ସ୍ଥାୟୀ ସଭାପତି ଅମ୍ବରୀଶ ଶତପଥୀ ସଭାପତିତ୍ୱ କରିଥିଲେ। କରବୀ କାଦମ୍ବିନୀ ପଟ୍ଟନାୟକ, ସଂଯୁକ୍ତା ଶରଣ, ସସ୍ମିତା ବେହୁରା, ନଟବର ବିଶ୍ୱାଳ ଏବଂ ପ୍ରେମାନନ୍ଦ ଜେନା ବିଚାରକ ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ଚୟନ କରିଥିଲେ। ବ୍ଲକ ସମ୍ପାଦକ ସୁବାସ ଚନ୍ଦ୍ର ଲେଙ୍କା ଧନ୍ୟବାଦ ଅର୍ପଣ କରିଥିଲେ।

# ଶିଶୁ ମନ୍ଦିରର ବାର୍ଷିକ କ୍ରୀଡ଼ା



**ବଅଁରପାଳ, ୨୨।୧୨(ଡି.ଏନ.ଏ.)**

ବଅଁରପାଳ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଖେଳକୁଦ ପ୍ରତିଯୋଗିତା ଶନିବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ସରପଞ୍ଚ ଫକୀର ନାଏକ ଏହାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ପିଏସ୍‌ଏସ୍‌ଜେ କଲେଜ ଅଧକ୍ଷ ଗୋକୁଳାନନ୍ଦ ପ୍ରଧାନ ଉପସ୍ଥିତ ଥିଲେ। ବିଭିନ୍ନ ବିଭାଗରେ ହୋଇଥିବା ପ୍ରତିଯୋଗିତାରେ ୩୫୫ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ବାଲ୍ ବର୍ଗରେ ସାହିଲ କୁମାର ସାହୁ, ଲିନାରାଣୀ ସାହୁ, ଶିଶୁବର୍ଗରେ ପ୍ରୀତିରଞ୍ଜନ ଭୂତିଆ, ନମ୍ରତ ବେହେରା ଚାମ୍ପିୟନ ହୋଇଛନ୍ତି। କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ସଭାପତି ପୁରନ୍ଦର ବିଶ୍ୱାଳ, ଉପସଭାପତି ହେମନ୍ତ ସାହୁ, ସମ୍ପାଦକ ଅଖିଳ ମହାପାତ୍ର, ଯୁଗ୍ମ ସମ୍ପାଦକ ସୁମନ୍ତ ସାମଲ, କୋଷାଧକ୍ଷ ପ୍ରମୋଦ ସାହୁ, ପ୍ରଧାନ ଆଚାର୍ଯ୍ୟ ପ୍ରଭାତ ମିଶ୍ର, କ୍ରୀଡ଼ା ପ୍ରମୁଖ ସଞ୍ଜୟ ଦାଶ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଅନୁଗୋଳ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ବାର୍ଷିକ ଉତ୍ସବ




**ଅନୁଗୋଳ ଅଫିସ, ୨୨।୧୨**

ଅନୁଗୋଳ ଗାନ୍ଧୀମାର୍ଗସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୩୯ତମ ବାର୍ଷିକ ଉତ୍ସବ ରବିବାର ପାଳିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା ସମିତି ସଭାପତି ଡା. ସୁଧାକର ପାଳ ଏଥିରେ ଅଧକ୍ଷତା କରିଥିଲେ। ଅନୁଗୋଳ ଏସ୍‌ପି ଜଗମୋହନ ମୀନା ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରମାନେ ମୋବାଇଲଠାରୁ ଦୂରେଇ ରହିବା ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ। ବିଦ୍ୟାଳୟ ସମ୍ପାଦକ ବିଜୟ ମୋଦି ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ପ୍ରସନ୍ନ କୁମାର ପ୍ରଧାନ ବାର୍ଷିକ ବିବରଣୀ ପାଠ କରିଥିଲେ। ଯୁକ୍ତଦୁଇ ଅଧକ୍ଷ ସୁରଥ କୁମାର ପାଢ଼ୀ, ସହ ପ୍ରଧାନ ଆଚାର୍ଯ୍ୟ ପ୍ରତାପ କୁମାର ରଥ ପ୍ରମୁଖ ମଞ୍ଚାସୀନ ଥିଲେ। ଓଡ଼ିଶା ଶିକ୍ଷା ବିକାଶ ସମିତିର ଯୁଗ୍ମ ସମ୍ପାଦକ ହେମନ୍ତ କୁମାର ପାଣିଗ୍ରାହୀ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ବିଦ୍ୟାଳୟ ବାର୍ଷିକ ମୁଖପତ୍ର 'ବାଣୀପୁତ୍ର' ଉନ୍ମୋଚିତ ହୋଇଥିଲା। ବରିଷ୍ଠ ଆଚାର୍ଯ୍ୟ ଜିତେନ କୁମାର ଦାଶ ସମ୍ପାଦକୀୟ ପୃଷ୍ଠା ପାଠ କରିଥିଲେ। ବିଦ୍ୟାଳୟର ପୁରାତନ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅତିଥିଙ୍କ ଦ୍ୱାରା ଚଳିତ ଶିକ୍ଷାବର୍ଷରେ ସଫଳତା ହାସଲ କରିଥିବା ଶିଶୁମାନଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ଛାତ୍ରୀଛାତ୍ରଙ୍କ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ସମସ୍ତ ଗୁରୁମାଗୁରୁଜୀ ଏଥିରେ ସହଯୋଗ କରିଥିଲେ।






# ଶ୍ରୀକାନ୍ତ ମେମୋରିଆଲ କ୍ରିକେଟ: ସମ୍ବଲପୁର ସେମିରେ



ଅତିଥିମାନେ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପ୍ରଦାନ କରୁଛନ୍ତି।

**ପାଲଲହଡ଼ା, ୨୨।୧୨(ଡି.ଏନ୍.ଏ.)**

ପାଲଲହଡ଼ା ଷ୍ଟାଡିୟମରେ ଜୟ ଶ୍ରୀରାମ କ୍ରିକେଟ କ୍ଲବ ଆନୁକୂଲ୍ୟରେ ଚାଲିଥିବା ତୃତୀୟ ରାଜ୍ୟସ୍ତରୀୟ ଶ୍ରୀକାନ୍ତ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟର ରବିବାର ଅନୁଷ୍ଠିତ ମ୍ୟାଚ୍‌ରେ ଭୁବନେଶ୍ୱର ପାରାମାଉଣ୍ଟ କ୍ଲବକୁ ହରାଇ ସମ୍ବଲପୁର ଫୋର-ସି ସେମିଫାଇନାଲରେ ପ୍ରବେଶ କରିଛି। ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ପାରାମାଉଣ୍ଟ କ୍ଲବ ନିର୍ଦ୍ଧାରିତ ୨୫ ଓଭରରେ ସମସ୍ତ ଉଇକେଟ ହରାଇ ସଂଗ୍ରହ କରିଥିଲା ୧୪୪ ରନ। ଏହାର ଜବାବରେ ସମ୍ବଲପୁର ୨୪ ଓଭରରେ ୧୪୬ ରନ୍ କରି ବିଜୟୀ ହୋଇଥିଲା। ବିଜୟୀ ଦଳର ପ୍ରଶାନ୍ତ ଠକ୍କର ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ବିଶ୍ୱଜିତ୍ ମହାନ୍ତି ଏବଂ ରମେଶ ଚନ୍ଦ୍ର ପ୍ରଧାନ ଆମ୍ପାୟର ଭାବେ ମ୍ୟାଚ୍ ପରିଚାଳନା କରିଥିଲେ। ସୋମବାର ରାଉରକେଲା ଏକାଦଶ ଏବଂ ଫୋର-ସି କ୍ଲବ ମଧ୍ୟରେ ସେମିଫାଇନାଲ ମ୍ୟାଚ୍ ଖେଳାଯିବ। କ୍ଲବ ସଭାପତି ରଘୁନନ୍ଦନ ଆଚାର୍ଯ୍ୟ, ସମ୍ପାଦକ ଯୋଗେଶ କୁମାର ଭୁକ୍ତାଙ୍କ ସମେତ କ୍ଲବର ସମସ୍ତ ସଦସ୍ୟ ମ୍ୟାଚ୍ ପରିଚାଳନାରେ ସହଯୋଗ କରିଥିଲେ।

Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ